# ଆଡ୍‌ମିଶନ ନାଁରେ ୫ହଜାର ପିଲାଙ୍କୁ ଠକେଇ

ଭୁବନେଶ୍ୱର,୨।୯(ସୂର୍ଯ୍ୟକାନ୍ତ ବେହେରା)





ରାଜ୍ୟ ତଥା ବାହାରେ ଥିବା ବଡ଼ ବଡ଼ କଲେଜ ଓ ଶିକ୍ଷାନୁଷ୍ଠାନରେ ଆଡ୍‌ମିଶନ କରାଇ ଦେବାକୁ କହି ଠକେଇ କରୁଥିବା ଏକ ବଡ଼ ର୍‍ୟାକେଟ ଧରାପଡିଛି। କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ସମ୍ପୃକ୍ତ ୨ଉଚ୍ଚ ଶିକ୍ଷିତ ଯୁବକଙ୍କୁ ଗିରଫ କରିବା ସହ ରାକେଟର ପର୍ଦ୍ଦାଫାଶ କରିଛି। ଅଭିଯୁକ୍ତଦ୍ୱୟ ହେଲେ ମୟୂରଭଞ୍ଜ ଗଦାସାହି ଥାନା ଅଞ୍ଚଳର ଅଭିନନ୍ଦନ ବାରିକ ଓ ଜଗତ୍‌ସିଂହପୁରର ରାଜେଶ ରୋଶନ ସାହୁ। ସେମାନଙ୍କଠାରୁ ୨ଟି ଦାମୀ କାର, ୨ଟି ଲାପ୍‌ଟପ୍, ୩ଟି ଟଙ୍କା ଗଣା ମେଶିନ, ୫ ଲକ୍ଷ ୪୭ ହଜାର ଟଙ୍କା, ପ୍ରିଣ୍ଟର, ବ୍ରୋଚର, ହ୍ୱାଟ୍ସଆପ୍ ଚାର୍ଟ ଓ ୭ ମୋବାଇଲ ଫୋନ୍ ଆଦି ଜବତ ହୋଇଛି। ରାଜେଶ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇଲେକ୍ଟ୍ରିକାଲ୍ସରେ ବି.ଟେକ ଏବଂ ଅଭିନନ୍ଦନ ଡିପ୍ଲୋମା ଇନ୍ ଇଲେକ୍ଟ୍ରିକାଲ ପାଠ ପଢ଼ିଛନ୍ତି। ଅଭିଯୁକ୍ତ ଦ୍ୱୟ ଏନ୍‌ଆର୍‌ଆଇ କୋଟାରେ ଇଞ୍ଜିନିୟରିଂ, ମେଡିକାଲ, ଏଗ୍ରିକଲଚର, ନର୍ସିଂରେ ନାମ ଲେଖାଇ ଦେବାକୁ କହି ୫ହଜାରରୁ ଅଧିକ ପିଲା ଓ



■୨ ଉଚ୍ଚଶିକ୍ଷିତ ଯୁବକ ଗିରଫ

■କାର୍,ମୋବାଇଲ,ଟଙ୍କା,କାଗଜପତ୍ର ଆଦି ଜବତ

ସେମାନଙ୍କ ଅଭିଭାବକଙ୍କଠାରୁ ଲକ୍ଷ ଲକ୍ଷ ଠକି ନେଇଥିବାବେଳେ ଏହି ଠକେଇ ଟଙ୍କା କୋଟିଏରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଏପରିକି ଠକେଇ ଟଙ୍କାରେ ସେମାନେ ଅତ୍ୟନ୍ତ ବିଳାସପୂର୍ଣ୍ଣ ଜୀବନ ବିତାଉଥିବା ଥିବା ତଦନ୍ତବେଳେ ଜଣାପଡିଛି। ସେମାନଙ୍କୁ ରିମାଣ୍ଡରେ ଆଣି ଆଡମିଶନ ନାଁରେ ଚାଲିଥିବା ସ୍କାମ ସିଣ୍ଡିକେଟ୍‌ର ଗୁମର ଖୋଲିବାକୁ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଆଶା ରଖିଛି। ଠକେଇର ଶିକାର ହୋଇଥିବା ଝାରସୁଗୁଡାର ଜଣେ ବ୍ୟବସାୟୀ ଏନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଏହି ଠକେଇ ର୍‍ୟାକେଟ ସାରା ରାଜ୍ୟକୁ ବ୍ୟାପିଥିବା ଜଣାପଡିବା ପରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ତଦନ୍ତ ଦାୟିତ୍ୱ ନେଇଥିଲା। ଅଭିଯୋଗ ଅନୁସାରେ, ବ୍ୟବସାୟୀଙ୍କ ଝିଅର ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ମେଡିକାଲ ସିଟ୍‌ରେ ଆଡ୍‌ମିଶନ କରାଇ ଦେବାକୁ କହି ଅଭିଯୁକ୍ତମାନେ ତାଙ୍କଠାରୁ ୩ଲକ୍ଷ ଟଙ୍କା ନେଇଥିଲେ। ମ୍ୟାନେଜମେଣ୍ଟ କୋଟାରେ ଆଡ୍‌ମିଶନ ପରେ ଜାତୀୟ ସ୍ୱାସ୍ଥ୍ୟ ଶିକ୍ଷା ଅନୁଷ୍ଠାନ ପକ୍ଷରୁ ୨ ଟଙ୍କା ଫେରସ୍ତ କରାଯିବ ବୋଲି କହିଥିଲେ। ହେଲେ ସିକ୍ୟୁରିଟି ଟଙ୍କା ନ ମିଳିବାରୁ ସେ ଅଭିଯୁକ୍ତଙ୍କୁ ଟଙ୍କା ମାଗିଥିଲେ। ହେଲେ ସେମାନେ ଧମକ ଦେବାରୁ ବ୍ୟବସାୟୀ ଥାନାର ଦ୍ୱାରସ୍ଥ ହୋଇଥିଲେ।

ତେବେ ଯଦି କୌଣସି ବ୍ୟକ୍ତି ଏହି ଠକ କିମ୍ବା ଡିଏମ୍‌ଏଫ୍ ଏକାଡେମୀ ଦ୍ୱାରା ଠକେଇର ଶିକାର ହୋଇଛନ୍ତି, ସେମାନେ ତୁରନ୍ତ ଅଭିଯୋଗ କରିବାକୁ କମିଶନରେଟ ପକ୍ଷରୁ ଅନୁରୋଧ କରାଯାଇଛି।

## ଠକେଇ ପାଇଁ ଖୋଲିଥିଲେ ଡିଏଫ୍ ଏକାଡେମୀ

ଠକେଇ ପାଇଁ ଅଭିନନ୍ଦନ ଓ ରାଜେଶ ଭୁବନେଶ୍ୱର ନୟାପଲ୍ଲୀଠାରେ ଖୋଲିଥିଲେ ଡିଏଫ୍ ଏକାଡେମୀ। ୮ବର୍ଷ ଭିତରେ ସହଯୋଗୀଙ୍କ ଜରିଆରେ ସାରା ରାଜ୍ୟରେ ଠକେଇ ର୍‍ୟାକେଟ ଚଳାଇଥିଲେ। ଏମ୍‌ବିବିଏସ୍, ବି-ଟେକ, ଫାର୍ମା, ଏମ୍‌ବିଏ, ନର୍ସି, ଲ' ଆଡମିଶନ ପାଇଁ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ସିଟ୍ କରାଇଦେବାକୁ ଦେଉଥିଲେ ଅଫର। ଏଥିପାଇଁ ନେଉଥିଲେ ମୋଟା ଅଙ୍କର ଟଙ୍କା।

## ଆଜି କ'ଣ କେଉଁଠି

### ଭୁବନେଶ୍ୱର

- କସ୍ତୁରୀ ପକ୍ଷରୁ ଶିଶୁ ଉତ୍ସବ, କସ୍ତୁର୍‌ବା ନାରୀ ମହଲ, ସକାଳ ୮ଟା ୩୦।
- ୩ୟ ଜାତୀୟ ନୃତ୍ୟ ମହୋତ୍ସବ 'ନୃତ୍ୟ ମୋହିନୀ', ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ପେଣ୍ଟିଂ ଆର୍ଟିଷ୍ଟ ୱାର୍କର୍ସ ଆସୋସିଏଶନର ଆଲୋଚନା ସଭା, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ୪୪ତମ ପ୍ରତିଷ୍ଠା ଦିବସ, କଳିଙ୍ଗ କନ୍‌ଭେନ୍‌ଶନ ହଲ୍, ପାନ୍ଥନିବାସ, ପୂର୍ବାହ୍ନ ୧୦ଟା ୩୦।
- 'ଆଜିର ଦିନ ମୋର' ପୁସ୍ତକ ଉନ୍ମୋଚନ, ବକୁଲ ଲାଇବ୍ରେରି, ସତ୍ୟନଗର, ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରାଜ୍ୟସ୍ତରୀୟ ଗଣିତ ମେଳା, ନୀଳାଦ୍ରି ବିହାର, ଅପରାହ୍ନ ୨ଟା ୩୦।
- ଓଡ଼ିଶା ଲେଖିକା ସଂସଦର ପ୍ରତିଷ୍ଠା ଦିବସ, ରାଜଧାନୀ କଳା ସଂସଦ, ଅପରାହ୍ନ ୪ଟା।
- ଗଙ୍ଗାଧର ମେହେର ସ୍ମୃତି କମିଟି ପକ୍ଷରୁ ରାଜ୍ୟସ୍ତରୀୟ ମେହେର ଜୟନ୍ତୀ ସମାରୋହ ୨୦୨୩ ତଥା ସାହିତ୍ୟ ଓ ସମ୍ବର୍ଦ୍ଧନା ଉତ୍ସବ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା ୩୦।
- ହରିଓଁ କ୍ଲବର ୧୫ତମ ସ୍ୱନକ୍ଷତ୍ର ଦିବସ, ମା' କଲ୍ୟାଣ ମଣ୍ଡପ, କେଦାରଗୌରୀ ମନ୍ଦିର ନିକଟ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟସଂଘର ମିଳିତ ଆନୁକୂଲ୍ୟରେ ନାଟ୍ୟଧାରାର ନାଟକ 'ଶବ ବାହକମାନେ', ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୭ଟା।

### କଟକ

- ବସୁଧୈବ କୁଟୁମ୍ବକମ୍ ମିଶନ୍‌ର ସପ୍ତମ ବାର୍ଷିକ ମହୋତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ପୂର୍ବାହ୍ନ ୧୦ଟା।
- ସଂସ୍କୃତ ସଙ୍ଗୀତ ନାଟକ ଏକାଡେମୀ ଓ ସଂସ୍କୃତ ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ସଂସ୍କୃତ ଦିବସ ସମାରୋହ, ଟାଉନହଲ, ପ୍ରତିଯୋଗିତା– ଅପରାହ୍ନ ୩ଟା, ସଭାରମ୍ଭ– ସନ୍ଧ୍ୟା ୫ଟା।
- କଟକ ସାଉଣ୍ଡ ଆଣ୍ଡ୍ ଲାଇଟ୍ ଓନର ଆସୋସିଏଶନ୍‌ର ପ୍ରଥମ ବାର୍ଷିକ ଉତ୍ସବ, କଟକ କ୍ଲବ, ଆନେକ୍ସ-୧, ସନ୍ଧ୍ୟା ୫ଟା।
- ଆମରା କଜନ ସଂଗଠନର ଦ୍ୱାଦଶତମ ବାର୍ଷିକ ସଙ୍ଗୀତ ସନ୍ଧ୍ୟା, କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା।
- ସୁବୋଧକୃଷ୍ଣ ମିଶନ ପକ୍ଷରୁ ଭାଗବତ ପାରାୟଣ ସପ୍ତାହର ଉଦ୍‌ଘାଟନ, ରାଷ୍ଟ୍ରଭାଷା ପ୍ରଚାର ସମିତି ସଭାଗୃହ, ସନ୍ଧ୍ୟା ୬ଟା ୩୦।

# ୩୦ ଜିଲା ବୁଲିବ ଜୀ-ସାର୍ଥକ ଟିମ୍



ଜୀ-ସାର୍ଥକ ଟିମ୍ ପକ୍ଷରୁ ଏକ ଗାଁରେ ଦର୍ଶକଙ୍କୁ ନେଇ ଖେଳ ଆୟୋଜନ କରାଯାଇଛି।

ଭୁବନେଶ୍ୱର,୨।୯(ଶର୍ମିଷ୍ଠା ପାଣିଗ୍ରାହୀ)

ଜୀ-ସାର୍ଥକ ସବୁବେଳେ ନୂଆ ତଥା ଭିନ୍ନ କାହାଣୀ ଓ ପାରିବାରିକ ଘଟଣାକୁ ନେଇ ମନୋରଞ୍ଜନ କରିଆସିଛି। 'ସୁନା ଝିଅ', 'ତୁ ଖରା ମୁଁ ଛାଇ', 'ଖୁସିର ଛୁଙ୍କ' ଓ 'ସାଥୀରେ' ପରି ମେଗା ଧାରାବାହିକ ସବୁ ଦର୍ଶକଙ୍କ ମନକୁ ଛୁଇଁବାରେ ସଫଳ ହୋଇଛି। ତେବେ ଜୀ-ସାର୍ଥକ ଦର୍ଶକଙ୍କ ସହ ସମ୍ପର୍କକୁ ଆଉଟିକେ ମଜଭୁତ୍ କରିବାକୁ ଘରେ ଘରେ ପହଞ୍ଚିବାକୁ ପ୍ରାୟାସ ଆରମ୍ଭ କରିଛି। ଜୀ-ସାର୍ଥକର ଟିମ୍ ପ୍ରଚାର ଗାଡିରେ ୩୦ ଜିଲାର ଲୋକଙ୍କ ପାଖକୁ ଯାଇ ଚ୍ୟାନେଲରେ ପ୍ରସାରିତ ସମସ୍ତ କାର୍ଯ୍ୟକ୍ରମ ଉପରେ ମତାମତ ନେବେ। ପସନ୍ଦର କାହାଣୀ, ରିଆଲିଟି ଶୋ ଓ ସେଥିରେ ଚାହୁଁଥିବା ପରିବର୍ତ୍ତନ ସବୁ ଜାଣିବାକୁ ଚେଷ୍ଟା କରିବେ। ଏହି ଟିମ୍ ଗାଁ, ସହରର ବିଭିନ୍ନ ପ୍ରାନ୍ତରେ ତା'ର ଦର୍ଶକଙ୍କ ସହ ଭିନ୍ନ ଭିନ୍ନ ଖେଳ ଆୟୋଜନ କରି ନୂଆ ମନୋରଞ୍ଜନ ଯୋଗାଇବ। ଦର୍ଶକମାନେ ଆକର୍ଷଣୀୟ ଉପହାର ପାଇବେ। ଚ୍ୟାନେଲ ମୁଖ୍ୟ ପ୍ରତୀକ ସିଲ କହିଛନ୍ତି, ଓଡିଶାର ସାଂସ୍କୃତିକ ଐତିହ୍ୟରେ ଅନୁପ୍ରାଣିତ ତଥା ଉତ୍କଳୀୟ ନାରୀର ବୈଶିଷ୍ଟ୍ୟ ଓ ଚମତ୍କାର ଗୁଣାବଳୀ ସହିତ ଅଦମ୍ୟ ମନୋବଳ ପ୍ରତିଫଳିତ ହେଉଥିବା ଜୀ-ସାର୍ଥକର ଲୋକପ୍ରିୟ ଚରିତ୍ରଗୁଡିକ ସର୍ବଦା ଦର୍ଶକଙ୍କ ମନକୁ ଜିତିବାରେ ସକ୍ଷମ ହୋଇଛି। ସମ୍ପର୍କ ଗଢିବା କିଛି ବଡ କଥା ନୁହେଁ, କିନ୍ତୁ ସମ୍ପର୍କରେ ଯୋଡିହୋଇ ରହିବା ସବୁଠାରୁ ବଡ କଥା। ଆମକୁ ୧ ନମ୍ବର ମନୋରଞ୍ଜନ ଚ୍ୟାନେଲ କରିଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରର ସମସ୍ତ ଦର୍ଶକଙ୍କୁ ବହୁତ ବହୁତ ଧନ୍ୟବାଦ। ନିଜର ମତାମତ ସହ ପ୍ରସ୍ତୁତ ହୋଇ ରୁହନ୍ତୁ, ଆମେ ପହଞ୍ଚିବୁ ଖୁବ୍‌ଶୀଘ୍ର ଆପଣଙ୍କ ପାଖରେ।

## ମତାମତ ନେବା ସହ ମିଳିବ ଆକର୍ଷଣୀୟ ଉପହାର

# ଓଏସ୍‌ଏସ୍‌ସି ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ ତ୍ୱରାନ୍ୱିତ କରିବାକୁ ଦାବି

ଭୁବନେଶ୍ୱର,୨।୯(ଅନୁରାଧା ମହାରଣା)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) ନିଯୁକ୍ତି ପ୍ରକ୍ରିୟାରେ ପ୍ରଶ୍ନପତ୍ର ବିକାକିଣାର ପ୍ରମାଣ ମିଳିବା ପରେ ମଧ୍ୟ କେବଳ ଠକେଇ ମାମଲା ରୁଜୁ କରି ବାଲେଶ୍ୱର ପୋଲିସ ଚୁପ୍ ବସିଛି। ଓଡ଼ିଶାର ମେଧାବୀ ପରୀକ୍ଷାର୍ଥୀଙ୍କ ବିରୋଧରେ ଏହା ଏକ ଆପରାଧିକ ଷଡ଼ଯନ୍ତ୍ର ବୋଲି ବେକାରି ଡିପ୍ଲୋମା ଇଞ୍ଜିନିୟର୍ସ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏହି ଷଡ଼ଯନ୍ତ୍ରରେ ୯୨ଜଣ ପରୀକ୍ଷାର୍ଥୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଯେଉଁମାନଙ୍କ ମଧ୍ୟରୁ ୮୬ଜଣଙ୍କ ପରିଚୟ ଓଏସ୍‌ଏସ୍‌ସି ପାଇଥିବାବେଳେ ଅନ୍ୟ ୬ ଜଣଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ପୋଲିସ ସମସ୍ତଙ୍କୁ ଗିରଫ କରିବା ପରିବର୍ତ୍ତେ କେବଳ ଦଲାଲଙ୍କୁ ଗିରଫ କରି ଏମାନଙ୍କୁ କାହିଁକି ଛାଡ଼ିଲା ବୋଲି ସଂଘ ପ୍ରଶ୍ନ କରିବା ସହ ତଦନ୍ତକୁ ତ୍ୱରାନ୍ୱିତ କରିବାକୁ ଦାବି କରିଛି। ଏହାସହ ଚାକିରି କିଣିବା ପାଇଁ ଅପଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ଆଜୀବନ ସରକାରୀ ଚାକିରିରୁ ବାସନ୍ଦ କରିବାକୁ ସରକାର ଏକ ସର୍କୁଲାର ଜାରି କରନ୍ତୁ ବୋଲି ସଂଘ ଆଉଏକ ଦାବି ରଖିଛି।

# ବିଜୟ ମହାନ୍ତିଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର 'କର୍ତ୍ତବ୍ୟ' ଶୁଭମୁକ୍ତି

ଭୁବନେଶ୍ୱର,୨।୯(ଶର୍ମିଷ୍ଠା ପାଣିଗ୍ରାହୀ)




ବିଶିଷ୍ଟ ଅଭିନେତା ସ୍ୱର୍ଗତ ବିଜୟ ମହାନ୍ତିଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର 'କର୍ତ୍ତବ୍ୟ' ଶନିବାର ଶୁଭମୁକ୍ତି ହୋଇଛି। ଗୁରୁ, ଶିଷ୍ୟ ଓ ଗୁରୁ ଦକ୍ଷିଣାର କାହାଣୀକୁ ନେଇ ଶ୍ରୀଜଗନ୍ନାଥ ମୁଭିଜ ଓ ମୁକ୍ତି ଏକ୍ସପ୍ରେସ୍ ପକ୍ଷରୁ ନିର୍ମିତ ଏହି ଚଳଚ୍ଚିତ୍ର ଜଣେ କର୍ତ୍ତବ୍ୟପରାୟଣ ଶିକ୍ଷକଙ୍କ ଉପରେ ଗତିଶୀଳ। ନିଜର ସାଧୁତା ପାଇଁ ସେ ବିଭିନ୍ନ ସମସ୍ୟାରେ ଛନ୍ଦି ହେଉଛନ୍ତି। ତେବେ ତାଙ୍କର ଦୁଇଜଣ ଛାତ୍ର ତାଙ୍କୁ ସହାୟତା କରୁଛନ୍ତି। ସ୍ୱର୍ଗତ ମହାନ୍ତିଙ୍କ ପ୍ରଶଂସକଙ୍କ ପାଇଁ ଏହି ଚଳଚ୍ଚିତ୍ର ଏକ ଉପହାର ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ କୁହାଯାଇଛି। ଶଙ୍କର ପାତ୍ରଙ୍କ ପ୍ରଯୋଜିତ ଏହି ଫିଲ୍ମରେ ମାନସ ରଞ୍ଜନ ପାତ୍ର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ସ୍ୱର୍ଗତ ମହାନ୍ତିଙ୍କୁ ଓକିଲ ଚରିତ୍ରରେ ଦେଖିବାକୁ ପାଇବେ ଦର୍ଶକ। ତାଙ୍କ ବ୍ୟତୀତ ଅଭିନେତା ଅଶ୍ରୁମୋଚନ ମହାନ୍ତି, ଜୀବନ ପଣ୍ଡା, ରତନ ମେହେର, ସୂର୍ଯ୍ୟନାରାୟଣ ବେହେରା ପ୍ରମୁଖ ନଜର ଆସିଛନ୍ତି। ସତ୍ୟ ଓ ରୂପେଶ ନାୟକ ଭୂମିକାରେ ଅଭିନୟ କରିଥିବାବେଳେ ପ୍ରିୟଦର୍ଶିନୀ ଓ ତନୁଶ୍ରୀ ମୁଖ୍ୟ ନାୟିକା ଭାବେ ଅଛନ୍ତି। ସୂର୍ଯ୍ୟ ହିନ୍ଦୁସ୍ଥାନୀ ଏହାର କାହାଣୀ ଲେଖିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପି.କୁମାର। ଗୀତଗୁଡ଼ିକ ଲେଖିଛନ୍ତି ଅରୁଣ ମନ୍ତ୍ରୀ, ସାସମଲ ମାନସ, ସୂର୍ଯ୍ୟ ନାରାୟଣ ଓ ମନୋରଞ୍ଜନ ସାହାଣୀ। ମହମ୍ମଦ ଅଜିଜ, ହ୍ୟୁମାନ ସାଗର, ମାଧବ, କୁମାର ବାପି, କୁମାର ବିଜୁ, ସଞ୍ଜୁ ଓ ଟିନା ପ୍ରମୁଖ କଣ୍ଠଦାନ କରିଛନ୍ତି।





ପୂର୍ବତନ ବାଚସ୍ପତି ତଥା ଦିଗପହଣ୍ଡି ବିଧାୟକ ସ୍ୱର୍ଗତ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେଡିର ବରିଷ୍ଠ ନେତା ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ବହୁ ନେତା ଓ ଜନତା ଶେଷ ଦର୍ଶନ କରୁଛନ୍ତି। (ଫଟୋ-ମନୋରଞ୍ଜନ ମିଶ୍ର)

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନିକିତା



@ ଜ୍ଞାନରଞ୍ଜନ



@ ଏସ୍.କେ. ରହିମ୍



@ କାଇରା



@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

